**ସଂକ୍ଷେପରେ**

## ସିଆର୍‌ପିଏଫ୍ ତରଫରୁ ସ୍ୱାସ୍ଥ୍ୟ ଶିବିର, ବିହନ ବଣ୍ଟନ

**ବାଲିଗୁଡା,୨୫ା୧୨(ଡି.ଏନ୍.ଏ.):** ସିଆରପିଏଫ୍‌ର ଜି/୧୨୭ ବାଟାଲିୟନ ତରଫରୁ ବାଲିଗୁଡା ବ୍ଲକ ବାରଖମା ପଞ୍ଚାୟତ ଜୁନାଗାଁ ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର ସହ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ କମାଣ୍ଡାଣ୍ଟ ଜି.କୁମାର, ସୁଖବୀର ସିଂ, ସେକେଣ୍ଡ କମାଣ୍ଡାଣ୍ଟ, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୋମଜିତ୍ ଭଗତ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ବାରଖମା। ପଞ୍ଚାୟତର ଲୋକେ ଆସି ଚିକିତ୍ସିତ ହେବାସହ ମାଗଣାରେ ଔଷଧ ନେଇଥିଲେ। ଚାଷୀମାନେ ଆସି ଉନ୍ନତଧରଣର ବିହନ ମଧ ନେଇଥିଲେ। ଏହି ବାଟାଲିୟନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର

**ବାଲିଗୁଡା,୨୫ା୧୨(ଡି.ଏନ୍.ଏ.):** ବାଲିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ ପଞ୍ଚାୟତ ବିଭିନ୍ନ ବର୍ଗର ଦିବ୍ୟାଙ୍ଗମାନେ ଯୋଗ ଦେଇଥିଲେ। ଏଥିରେ ସମୁଦାୟ ୨୬୧ ଜଣ ଆବେଦନ କରିଥିବାବେଳେ ସେଥିମଧରୁ ୧୭୩ ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ସେମାନଙ୍କୁ ଚିହ୍ନଟ ସହ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମରେ ବାଲିଗୁଡା ବିଡିଓ ନରେଶ ଚନ୍ଦ୍ର ଶବର ଉପସ୍ଥିତରହି ଅନୁଧ୍ୟାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀନେଶ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ଶାନ୍ତିଶୃଙ୍ଖଳାରେ ପାଳନ ହେଲା ବଡ଼ଦିନ



ଫିରିଙ୍ଗିଆ।



ଫୁଲବାଣୀ ବାପ୍‌ଟିଷ୍ଟ ଚର୍ଚ୍ଚ।



ସିମନବାଡ଼ି କ୍ୟାଥଲିକ ଚର୍ଚ୍ଚ।

**ଫୁଲବାଣୀ ଅଫିସ,୨୫ା୧୨**

କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳିତ ହୋଇଯାଇଛି। ବାଇବେଲ ପାଠ ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ସାମୂହିକ ପ୍ରାର୍ଥନାରେ ପ୍ରାର୍ଥନା ଗୃହ ସମେତ ଚର୍ଚ୍ଚ ପ୍ରକମ୍ପିତ ହୋଇଉଠିଥିଲା। ଘରେ ଘରେ ପିଠାପଣା ଆୟୋଜନ ହୋଇଥିଲା। ଫୁଲବାଣୀସ୍ଥିତ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ଓ କ୍ୟାଥ୍‌ଲିକ୍ ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଭିଡ଼ ଦେଖାଯାଇଥିଲା । କାଥ୍‌ଲିକ୍ ଚର୍ଚ୍ଚରେ ଯିଶୁଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସେହିପରି ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ମଙ୍ଗଳବାର ରାତିରୁ ବଡ଼ଦିନ ପାଳନ କରାଯିବା ସହ ବୁଧବାର ଅପରାହ୍ନ ସାଢ଼େ ୩ଟାରେ ଉପାସନା କରାଯାଇଥିଲା । ବ୍ରହ୍ମପୁରରୁ ଆସିଥିବା ଆଶିଷ କୁମାର ରାଜହଂସ ପ୍ରଭୁଙ୍କର ବାର୍ତ୍ତା ପାଠ କରିଥିଲେ। ପାଷ୍ଟର ବିଜୟ କୁମାର କରାଡ଼ୋ ଯିଶୁଙ୍କ ବାଣୀ ପରିବେଷଣ କରିଥିଲେ। ଏହାପରେ ଚର୍ଚ୍ଚ ପକ୍ଷରୁ ଏକ ବନ୍ଧୁମିଳନ ହୋଇଥିଲା। ବଡ଼ଦିନ ଲାଗି ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା

**ଦାରିଙ୍ଗବାଡ଼ି,(ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବୁଧବାର ବଡ଼ଦିନ ଶାନ୍ତି ଶୃଙ୍ଖଳାରେ ପାଳନ କରାଯାଇଛି। ମଙ୍ଗଳବାର ମଧରାତ୍ରରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ପରେ ନବଜାତକଙ୍କୁ ସ୍ୱାଗତ କରାଯିବା ସହ କେକ୍ କଟାଯାଇଥିଲା। ସେହିପରି ପ୍ରାର୍ଥନା, ଭଜନ କୀର୍ତ୍ତନ ସହ ବାଇବେଲ୍ ପଠନ କରାଯାଇଥିଲା। ନାଚଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଭୋର ୨ଟା ପର୍ଯ୍ୟନ୍ତ ସମସ୍ତ ପ୍ରାର୍ଥନା ଗୃହ ଓ ଚର୍ଚ୍ଚରେ ଚାଲିଥିଲା। ବୁଧବାର ପୂର୍ବାହ୍ନ ୧୧ଟା ଠାରୁ ପୁଣି ସମସ୍ତ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା ସହ ବାଇବେଲ୍ ପଠନ କରାଯାଇଥିଲା। ସିମନବାଡ଼ି ରୋମାନ କ୍ୟାଥଲିକ ଚର୍ଚ୍ଚ ସମେତ ସିଏନ୍‌ଆଇ. ପେଣ୍ଟାକଷ୍ଟ, ଆଦି ଚର୍ଚ୍ଚରେ ଏହି ଦିବସ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ସିମନବାଡ଼, କେରୁବାଡ଼ି, ସିଆଙ୍ଗବାଲି, ଦାରିଙ୍ଗବାଡ଼ି, ପର୍ଡ଼ମାହା, କିରାମାହା, ଗଦାପୁର, ବ୍ରାହ୍ମଣୀଗାଁ, ମହାଗୁଡ଼ି, ତାଜୁଙ୍ଗିଆ, ହାତିମୁଣ୍ଡା, ଗଦାପୁର, କାଟିଙ୍ଗିଆ ଆଦି ଅଞ୍ଚଳରେ ବଡ଼ଦିନ ପାଳନ କରାଯାଇଛି।

**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକ ଭୁଙ୍ଗିଯୋଡି ପଞ୍ଚାୟତର କଡୁରାହା ଗ୍ରାମରେ ଥିବା ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ହୋଇଥିଲା। ସେଠାରେ କେକ୍ କଟାଯାଇଥିଲା । ପରେ ଗ୍ରାମବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଚର୍ଚ୍ଚର ସଭାପତି କଲଙ୍ଗା ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିମନ ଦିଗାଲ, କୁନ୍ଦୁରୁ ଦିଗାଲ, ତମା ଦିଗାଲ, ଫାଦର ସାମେଲ ଦିଗାଲ ପ୍ରମୁଖ ସହଯୋଗ କରିଥିଲେ।

**ଶଙ୍କରାଖୋଲ,(ଡି.ଏନ୍.ଏ.):** ଟିକାବାଲି ଓ ଚକାପାଦ ବ୍ଲକରେ ଥିବା ସମସ୍ତ ଚର୍ଚ୍ଚରେ ବଡ଼ଦିନ ପାଳିତ ହୋଇଯାଇଛି। ଶଙ୍କରାଖୋଲସ୍ଥିତ ସେଣ୍ଟ ଥୋମସ୍ କ୍ୟାଥଲିକ ଚର୍ଚ୍ଚକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଧର୍ମଯାଜକ ସୁଶାନ୍ତ ପ୍ରଧାନ, ସହଯୋଗୀ ଧର୍ମଯାଜକ କୁଳକାନ୍ତ ଦଣ୍ଡସେନା ବାଇବେଲ ପାଠ କରି ପ୍ରଭୁ ଯିଶୁଙ୍କ ବାର୍ତ୍ତା ଶୁଣାଇଥିଲେ।

**କ.ନୂଆଗାଁ,(ଡି.ଏନ୍.ଏ.)–** କ.ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଚର୍ଚ୍ଚା ଓ ପ୍ରାର୍ଥନା ଗୃହରେ ବଡଦିନ ପାଳନ କରାଯାଇଛି। ସାରଙ୍ଗଗଡ ଥାନା ଅଞ୍ଚଳରେ ୨୧ ଚର୍ଚ୍ଚ ଥିବାବେଳେ କ.ନୂଆଗାଁ ଥାନା ଅଞ୍ଚଳରେ ୨୮ଟି ଚର୍ଚ୍ଚ ଓ ପ୍ରାର୍ଥନା ଗୃହ ଆଲୋକମାଳାରେ ସଜା ଯାଇଥିଲା। ଜିଲା ପୋଲିସ ପକ୍ଷରୁ କ.ନୂଆଗାଁ ଥାନା ଅଞ୍ଚଳରେ ୧ ପ୍ଲାଟୁନ୍ ଓ ସାରଙ୍ଗଗଡ ଥାନା ଅଞ୍ଚଳରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। କଞ୍ଚାମେଣ୍ଡିସ୍ଥିତ ଦିବ୍ୟଜ୍ୟୋତିରେ ଫାଦର ବିମଳ ନାୟକ, ଜନାଥନ ପ୍ରଧାନ, ବିଞ୍ଚାମିନ ଦିଗାଲ, ଦିପ୍ତୀ ଦିଗାଳ, ମାର୍କ ବଳିଆରସିଂ, ସୁରଥ ଦିଗାଳ, ସାମସନ ମଳିକ ପ୍ରମୁଖଙ୍କ ସମେତ ବହୁ ପାଷ୍ଟର ଯୋଗଦେଇ ପ୍ରାର୍ଥନା ସହ ବାଇବେଲ ପାଠ କରାଇଥିଲେ।

**ବାଲିଗୁଡା,(ଡି.ଏନ୍.ଏ.)–** ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ବଡ଼ଦିନ ପାଳନ ହୋଇଯାଇଛି। ମଙ୍ଗଳବାର ମଧରାତ୍ରରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଧରାବତରଣ ସମୟରେ ସମସ୍ତେ ସାମୁହିକ ଭାବେ ଚର୍ଚ୍ଚ ପରିସରରେ ସାମୁହିକ ପ୍ରାର୍ଥନା କରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ସ୍ମରଣ କରିଥିଲେ। ବୁଧବାର ସକାଳୁ ନିଜ ନିଜ ଘରେ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରି ନୂତନ ପୋଷାକ ପରିଧାନ କରି ପୁଣି ଅପରାହ୍ନରେ ଚର୍ଚ୍ଚରେ ଉପସ୍ଥିତ ରହି ବାଇବେଲ ପଠନ କରିଥିଲେ।

**ରାଇକିଆ,(ଡ଼ି.ଏନ୍.ଏ.)–** ରାଇକିଆ ଅଞ୍ଚଳର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବଡଦିନକୁ ଉତ୍ସାହର ସହ ପାଳନ କରିଛନ୍ତି। ବୁଧବାର ବିଭିନ୍ନ ଚର୍ଚ୍ଚରେ ଏକଜୁଟ ହୋଇ ଭୋଜି କରିବା ସହ ଉପହାର ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଇକିଆ ରୋମାନ କ୍ୟାଥଲିକ ଚର୍ଚ୍ଚ, ବାପ୍‌ଟିଷ୍ଟ ଚର୍ଚ୍ଚ, ଗମାଣ୍ଡି ସି.ଏନ୍.ଆଇ ଚର୍ଚ୍ଚ, ମଣ୍ଡାସର ଚର୍ଚ୍ଚ ଏବଂ ଗ୍ରାମାଞ୍ଚଳରେ ଥିବା ଉପାସନା ଗୃହରେ ମଙ୍ଗଳବାର ମଧ ରାତ୍ରରେ ଯୀଶୁ ଖ୍ରୀଷ୍ଟଙ୍କ ଧରାବତରଣ ପରେ ସମୂହ ପ୍ରାର୍ଥନା ସହ ମହମବତୀ ଜାଳି ସମାଜର ସୁଖ କାମନା କରିଥିଲେ। ଯୀଶୁ ଗୁହାଳରେ ଜନ୍ମ ନେଇ ଥିବାରୁ ଅନେକ ଗୃହ ଗୁହାଳ ଘର ଆକାରରେ ସଜାଯାଇଥିଲା। କେକ୍, ପିଠା, ମିଠା ଆଉ ବଡ଼ ଦିନର ପ୍ରତିଟି ମୂହୂର୍ତ୍ତକୁ ଉପଭୋଗ କରିଥିଲେ। କେତେକ ଚର୍ଚ୍ଚରେ ବାଇବେଲ ସମ୍ପର୍କିତ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଜି.ଉଦୟଗିରି,(ଡି.ଏନ.ଏ.)–** ଜି.ଉଦୟଗିରି ଥାନା ଅଞ୍ଚଳର ବିଭିନ୍ନ ଚର୍ଚ୍ଚରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସହରର ନୂଆସାହି ବାପଟିଷ୍ଟ ଚର୍ଚ୍ଚରେ ବୁଧବାର ୧୧ଟାରେ ସମୂହ ପ୍ରାର୍ଥନା କରାଯାଇଥିଲା। ଚର୍ଚ୍ଚର ସଭାପତି ପ୍ରତାପ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ନାୟକ , କୋଷାଧକ୍ଷ ବସନ୍ତ ମଞ୍ଜରୀ ରଥ ପ୍ରମୁଖ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ପାଷ୍ଟର ପ୍ରଦୀପ କୁମାର ନାୟକ ପ୍ରାର୍ଥନା କରିଥିଲେ। ଚର୍ଚ୍ଚ ପରିସର ମଧ୍ୟରେ ଅପରାହ୍ନରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ସେହିପରି ସୁକଲଣ୍ଡା କ୍ୟାଥଲିକ୍ ଚର୍ଚ୍ଚ, କନବାଗିରି ବାପ୍‌ଟିଷ୍ଟ ଚର୍ଚ୍ଚ, ମାଲିକପଡି ବାପ୍‌ଟିଷ୍ଟ ଚର୍ଚ୍ଚ ସମେତ ୫୫ଟି ଚର୍ଚ୍ଚରେ ବୁଧବାର ସମୂହ ପ୍ରାର୍ଥନା କରାଯାଇଛି।

## ବଡ଼ଦିନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ସୋରଡ଼ା,୨୫ା୧୨(ଡି.ଏନ୍.ଏ.)**

ବଡ଼ଦିନ ଉପଲକ୍ଷେ ଅଞ୍ଚଳର ସାଲିମାଗୋଚ୍ଛା, ମେରୀକୋଟ, ଗୌଡ଼ଗୋଠ, ସମ୍ପଲି, ଦାନ୍ତଲିଙ୍ଗି, ଗାଜଲବାଡ଼ି ଗ୍ରାମମାନଙ୍କରେ ଖ୍ରୀଷ୍ଟ ସମ୍ପ୍ରଦାୟ ତରଫରୁ ଚର୍ଚ୍ଚମାନଙ୍କରେ ଆଲୋକମାଳା ସଜାଯାଇଛି। ବିଭିନ୍ନ ସୁନ୍ଦର ମେଢ଼ ତିଆରି ହୋଇଛି। ସୋରଡ଼ା ମିଶନ ପରିସରରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଚର୍ଚ୍ଚକୁ ସୁନ୍ଦର ଭାବେ ସଜାଯାଇଛି। ଅପରାହ୍ନରୁ ଏଠାକୁ ମେଲୋଡି, ମେଢ଼, ଜନ୍ମ ଉତ୍ସବ କଳାକୃତି ଦେଖିବାକୁ ଭିଡ଼ ଆରମ୍ଭ ହୋଇଛି। ପ୍ରତିବର୍ଷ ଏହି ଦିନରେ ସ୍ଥାନୀୟ ମିଶନ ପରିସରକୁ ସବୁ ଧର୍ମର ଜନସାଧାରଣ ସପରିବାର ପରିଦର୍ଶନରେ ଆସିବା ପରମ୍ପରା ରହିଛି। ଏହାଛଡ଼ା ଖ୍ରୀଷ୍ଟଧର୍ମାବଲମ୍ବୀ ମାନଙ୍କ ଘର ମାନଙ୍କରେ ନୈଶ୍ୟ ଭୋଜିର ଆୟୋଜନ କରାଯାଇଛି।

## ସୋରଡ଼ା ଅଞ୍ଚଳରେ ପହିଲି ଭୋଗର ଆସର



**ସୋରଡ଼ା,୨୫ା୧୨(ଡି.ଏନ୍.ଏ.)**

ସୋରଡ଼ା ଅଞ୍ଚଳର ମନ୍ଦିର ଗୁଡ଼ିକରେ ୧୬ ଡିସେମ୍ବରରୁ ଆରମ୍ଭ ହୋଇଛି ପହିଲି ଭୋଗର ଆସର। ସହରର ରଘୁନାଥ, ଗୋପିନାଥ, ଜଗନ୍ନାଥ, ଚୈତନ୍ୟ, ସାନକାଳୀ, ବଡ଼କାଳି ମନ୍ଦିର ତଥା ବଡ଼ଗଡ଼, ବୁଗୁଡ଼ା, ଚାକୁଣ୍ଡା, ସିଦ୍ଧପୁର, ରାଇବନ୍ଧ, ସିଙ୍ଗିପୁର, ସୁରମଣି, ତତାବାଲି, ଖଜୁରିପଲୀ, ନୂଆଗଡ଼ ମନ୍ଦିର ମାନଙ୍କରେ ପହିଲି ଭୋଗ ଏକମାସ ଧରି ଚାଲୁ ରହିଛି। ଭୋର ସମୟରୁ ରନ୍ଧାସାରି ପୂଜା କରାଯାଇ ସକାଳ ୮ଟା ସୁଦ୍ଧା ଭୋଗ ସେବନ କରନ୍ତି ଭକ୍ତ। ୨୦ରୁ ଊର୍ଦ୍ଧ୍ୱ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥାଏ ଠାକୁରଙ୍କୁ। ଏହି ଦିନରେ ପ୍ରତ୍ୟେକ ଲୋକ ଗୋଟିଏ ଦିନ ଏହି ଭୋଗ ନିଶ୍ଚୟ ଖାଇଥାନ୍ତି। ଏଥିପାଇଁ ଏହି ଦିନରେ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ରୋଷେଇକାର ମଧ ନିଯୁକ୍ତି କରାଯାଇଥାଏ। ବ୍ୟବସାୟୀ, ଯୁବ ଗୋଷ୍ଠୀ, ସରକାରୀ, ବେସରକାରୀ କର୍ମଚାରୀ ପ୍ରତ୍ୟେକ ନିଜ ନିଜ ଗୋଷ୍ଠୀ ସହ ଏକତ୍ରିତ ବସି ମନ୍ଦିର ପରିସରରେ ଭୋଜନ କରନ୍ତି ।

## ଅନାଥ ଶିଶୁଙ୍କ ସହ ବଡ଼ଦିନ ପାଳିଲେ ମହିଳା କମିଶନ ସଦସ୍ୟା



ଅନାଥ ଶିଶୁଙ୍କ ଗହଣରେ ମହିଳ କମିଶନ ସଦସ୍ୟା।

**ରାଇକିଆ,୨୫ା୧୨(ଡ଼ି.ଏନ.ଏ)**

ନିଆରା ଢ଼ଙ୍ଗରେ ବଡ଼ଦିନ ପାଳନ କରିଛନ୍ତି ରାଜ୍ୟ ମହିଳା କମିଶନ ସଦସ୍ୟା ଜଲିନା ପ୍ରିୟଦର୍ଶିନୀ । ବୁଧବାର ସେ ରାଇକିଆ କନଭେଣ୍ଟ ପରିସରରେ ଥିବା ଅନାଥ ଆଶ୍ରମରେ ଶିଶୁମାନଙ୍କ ସହ ସମୟ ବିତାଇବା ସହ କେକ୍‌କାଟି ବଡ଼ଦିନ ପାଳନ କରିଥିଲେ । ଶିଶୁମାନଙ୍କୁ ଚକୋଲେଟ ଓ ବିସ୍କୁଟ ମଧ ବଣ୍ଟନ କରିଥିଲେ। ପରେ ସେ ଶିଶୁମାନଙ୍କ ବିଷୟରେ ଦାୟିତ୍ୱରେ ଥିବା ସିଷ୍ଟରଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ରାଇକିଆ, ଜି. ଉଦୟଗିରିର ବିଭିନ୍ନ ଚର୍ଚ୍ଚକୁ ଯାଇ ଲୋକଙ୍କୁ ଭେଟି ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ ।

## କଲଭର୍ଟ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପାଟପୁର,୨୫ା୧୨**

ପାଟପୁର ଥାନା ଜଗନ୍ନାଥପୁର ଡେଙ୍ଗାଡି ମୁଖ୍ୟରାସ୍ତା ରମୁଣି ଛକ ନିକଟ କଲଭର୍ଟ ତଳୁ ବୁଧବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବୁଦ୍ଧିଆ ମହାରଣା। ବୁଦ୍ଧିଆ ସାନଖେମୁଣ୍ଡି ବ୍ଲକ ପଥରପୁଞ୍ଜି ଗ୍ରାମରେ ଗତ କିଛିବର୍ଷ ହେଲା ରହି ମିସ୍ତ୍ରି କାମ କରୁଥିଲେ। ସେ ଓଡଗାଁରୁ ମଙ୍ଗଳବାର ଘରେ କାହାକୁ କିଛି ନ କହି ପଥରପୁଞ୍ଜି ଆସିଥିଲେ। ଆସିବା ବାଟରେ ଥିବା କଲଭର୍ଟ ନିକଟରେ ସେ କୌଣସି କାରଣରୁ ତଳକୁ ଖସିପଡ଼ିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପାଟପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି।

# ଧର୍ମଘଟ ଲାଗି ପ୍ରସ୍ତୁତି ବୈଠକ

**ଆସିକା,୨୫ା୧୨(ଡି.ଏନ୍.ଏ.)**




ଡାକ କର୍ମଚାରୀ ସଂଘ ବୈଠକରେ ସମସ୍ୟା ଆଲୋଚନା କରାଯାଉଛି।

ଦେଶର ବିଭିନ୍ନ ସଂଗଠନ ପକ୍ଷରୁ ଜାନୁୟାରୀ ୮ରେ ଦିଆଯାଇଥିବା ଦିନିକିଆ ଦେଶବ୍ୟାପୀ ଧର୍ମଘଟ ସମ୍ପର୍କରେ ଆଲୋଚନା ଲାଗି ଅଖିଳ ଭାରତ ଡାକ କର୍ମଚାରୀ ସଂଘ ଏକ ପ୍ରସ୍ତୁତି ବୈଠକ ବୁଧବାର ବସ୍‌ଷ୍ଟାଣ୍ଡସ୍ଥିତ ଓଡିଆ ସମାଜ ଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କେନ୍ଦ୍ର ସରକାରଙ୍କ କର୍ମଚାରୀମାରଣ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ସମସ୍ତ କର୍ମଚାରୀ ଧର୍ମଘଟରେ ସାମିଲ୍ ହେବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ସରକାରଙ୍କ ଡାକଘର ଗୁଡିକର ଆଧୁନିକୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ ବିଭିନ୍ନ ଯାନ୍ତ୍ରୀକ ବ୍ୟବସ୍ଥାରେ ତ୍ରୁଟି ଓ କର୍ମଚାରୀ ଅଭାବ ଯୋଗୁ ଜନସାଧାରଣଙ୍କୁ ସେବା ପ୍ରଦାନରେ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସପ୍ତମ ବେତନ କମିଶନ ଲାଗୁ କରିବା, ଗ୍ରାମୀଣ ଡାକ ସେବକମାନଙ୍କ ପାଇଁ କମଲେଶ କମିଟି ଦେଇଥିବା ରିପୋର୍ଟ ତୁରନ୍ତ କାର୍ଯ୍ୟକାରୀ କରିବା, ନୂତନ ପେନସନ୍ ଆଇନ ବଦଳରେ ପୁରୁଣା ପେନସନ୍ ଆଇନ ଲାଗୁ କରିବା, ଡାକଘର ଗୁଡିକରେ ୫ଦିନ କାର୍ଯ୍ୟଦିବସ ପ୍ରଚଳନ କରିବା, ଗ୍ରାମୀଣ ଡାକ ସେବକମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଆଦି ବିଭିନ୍ନ ଦାବି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଡାକ ବିଭାଗୀୟ କର୍ମଚାରୀ ସୀମାଞ୍ଚଳ ପାତ୍ର, ବସନ୍ତ କୁମାର ପାଠୀ, ହେରମ୍ବ ବେହେରା, ରଜନୀକାନ୍ତ ଗନ୍ତାୟତ ପ୍ରମୁଖଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଫୁଲବାଣୀ ଡାକ ମଣ୍ଡଳର ତୃତୀୟ ଶ୍ରେଣୀ ସମ୍ପାଦକ ରବିନାରାୟଣ ଚୌଧୁରୀ ବୈଠକରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. WAT-RSO-TENDER-17-2019

**ସ୍ଥାନ ସହିତ କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ନିମନ୍ତେ କୋରାପୁଟ ଷ୍ଟେସନ ସ୍ଥିତ ୪୦ ଶଯ୍ୟା ବିଶିଷ୍ଟ ରନିଂ ରୁମ୍‌ର ରକ୍ଷଣାବେକ୍ଷଣ।

**ଟେଣ୍ଡର ମୂଲ୍ୟ :** ₹ 1,67,97,333.00, EMD: ₹ 2,34,000.00, ଟେଣ୍ଡର ଫର୍ମର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : ଦୁଇ ବର୍ଷ

**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ :** ତା 10.01.2020ର 1500 ଘ.ରେ

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ସିନିୟର ଡିଭିଜନାଲ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (OP), ବିଶାଖାପାଟଣା

PR-609/K/19-20

## ବାଜପେୟୀଙ୍କ ଜୟନ୍ତୀ ପାଳିତ

**ଜି.ଉଦୟଗିରି,୨୫ା୧୨(ଡି.ଏନ.ଏ.)**

ସ୍ଥାନୀୟ ହାଟପଦା ଠାରେ ଜି.ଉଦୟଗିରି ଏନ୍‌ଏସି ଏବଂ ଗ୍ରାମୀଣ ମଣ୍ଡଳ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏନ୍‌ଏସି ସଭାପତି ଉଦେସନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ବୈଠକରେ ଗ୍ରାମୀଣ ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ, ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା ସମ୍ପାଦକ ଜ୍ଞାନଚନ୍ଦ୍ର ପ୍ରଧାନ, ଆଦିବାସୀ ମୋର୍ଚ୍ଚା ସଭାପତି ବସନ୍ତ ପ୍ରଧାନ, ପୂର୍ବତନ ଏନଏସି ସଭାପତି ରବିନ୍ଦ୍ର କୁମାର ସାହୁ, ଯୁବମୋର୍ଚ୍ଚା ଉପସଭାପତି ଅଜିତ କୁମାର ସାହୁ, ବରିଷ୍ଠ ଭାଜପା ନେତା ଭୀମସେନ ପ୍ରଧାନ, ଲକ୍ଷ୍ମଣ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫୁଲବାଣୀ ଅଫିସ:** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ଫୁଲବାଣୀରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲା ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଦଳର ପୂର୍ବତନ ଜିଲା ସଭାପତି ଲିଙ୍ଗରାଜ ଦଳବେହେରା ଉଦ୍‌ଘାଟନ କରିଥିଲେ। ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ସମିତିର ସହସମ୍ପାଦକ ପ୍ରଶାନ୍ତ ବେହେରା, ଲୋକନାଥ ରାଜୁ ପ୍ରମୁଖ ରକ୍ତ ସଂଗ୍ରହରେ ସହୟତା କରିଥିଲେ। ଯୁବମୋର୍ଚ୍ଚା ଜିଲା ସାଧରଣ ସମ୍ପାଦକ ସୁଧାଂଶୁ ଗୁରୁ, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## କୃଷକ ଓ ବିଜ୍ଞାନ ଦିବସ ପାଳିତ

**ଆର.ଉଦୟଗିରି,୨୫ା୧୨(ଡି.ଏନ୍.ଏ.)**

ଶବରପଲ୍ଲୀ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ବୁଧବାର କୃଷକ ଓ ବିଜ୍ଞାନ ଦିବସ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଂଗ୍ରାମ ପରମଗୁରୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ଶବରପଲ୍ଲୀ ଗ୍ରାମର ୫୦ କୃଷକ ଯୋଗଦେଇ ଉନ୍ନତମାନର ବୈଜ୍ଞାନିକ ପଦ୍ଧତି ଏବଂ ଜ୍ଞାନକୌଶଳ ପ୍ରଣାଳୀରେ ଚାଷ ନିମନ୍ତେ ବୈଜ୍ଞାନିକ ସଞ୍ଜୀବ କୁମାର ମାଣ୍ଡି ଆଲୋକପାତ କରିଥିଲେ। ଚାଷୀମାନେ ରାସାୟନିକ ଔଷଧ ବ୍ୟବହାର ନ କରି ଜୈବିକ ପଦ୍ଧତିରେ ରୋଗପୋକରୁ ଫସଲକୁ କିଭଳି ରକ୍ଷା କରିହେବ ସେନେଇ କୃଷି ବିଜ୍ଞାନ କେନ୍ଦ୍ର ସକ୍ରିୟ ଭୂମିକା ନିର୍ବାହ କରୁଥିବା କୁହାଯାଇଥିଲା।



**ସଂକ୍ଷେପରେ**

## ଲିଭ୍ ଭାକାନ୍ସି ସିଭିଲ କୋର୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୨୫ା୧୨:** ଗଞ୍ଜାମ ଜିଲା କୋର୍ଟ ପରିସରରେ ଲିଭ ଭାକାନ୍ସି ସିଭିଲ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲା ଦୌରା ଜଜ୍ ରାମ ଶଙ୍କର ହୋତା ଉଦ୍‌ଘାଟନ କରିଥିଲେ। ନୟାଗଡ଼ କୋର୍ଟରେ ଏସ୍‌ଡ଼ିଜେଏମ୍ ଥିବା ସବ୍ୟସ୍ୱାତା ପତିଙ୍କର ପଦୋନ୍ନତି ହେବାପରେ ସେ ବ୍ରହ୍ମପୁରରେ ନୂତନ ଭାବେ ଖୋଲିଥିବା ଏହି କୋର୍ଟରେ ସିଭିଲ ଜଜ୍ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସିଭିଲ କୋର୍ଟରେ ବହୁଦିନ ଧରି ଫଇସଲା ନ ହୋଇ ପଡି ରହୁଥିବା ଜମିଜମା ମାମଲାଗୁଡିକର ଶୀଘ୍ର ସମାଧାନ କରାଯିବା ପାଇଁ ଏହି କୋର୍ଟ ଖୋଲାଯାଇଛି। ପ୍ରଥମ ଦିନରେ ତାଙ୍କୁ ୧୮୦ ସିଭିଲ ମାମଲା ପରିଚାଳନା ପାଇଁ ଦିଆଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୧ରେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.କେ.ଜାଭେରୀ ଭିଡ଼ିଓ କନଫେରେନ୍ସିଂ ଜରିଆରେ ରାଜ୍ୟରେ ଲିଭ ଭାକାନ୍ସି ସିଭିଲ କୋର୍ଟ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ମଙ୍ଗଳବାର ରାଜ୍ୟର ୫ ସ୍ଥାନରେ ଏଭଳି କୋର୍ଟ ଉଦ୍‌ଘାଟନ ହୋଇଥିଲା। ଏହି ଉତ୍ସବରେ ସିଭିଲ ରେଜିଷ୍ଟ୍ରାର ସ୍ୱରୂପ ସେଠଙ୍କ ସହ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସହ ସମ୍ପାଦକ କିରଣ କୁମାର ମଣ୍ଡଳ, ଆଇନଜୀବୀ ପୀତବାସ ପଣ୍ଡା, ନିର୍ମଳ ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, କରୁଣାକର ପାଣିଗ୍ରାହୀ ଓ ପ୍ରକାଶ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କବାଡ଼ି ପ୍ରଶିକ୍ଷଣ ଶିବିର

### ଭାଗନେଲେ ୧୨ କଲେଜର ୨୫ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୨୫ା୧୨:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କବାଡି ପ୍ରତିଯୋଗିତା ପାଇଁ ଦଳଚୟନ ଓ ପ୍ରଶିକ୍ଷଣ ଶିବିର ବୁଧବାର ଆରମ୍ଭ ହୋଇଛି । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ୧୨ ମହାବିଦ୍ୟାଳୟର ୨୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସନ୍ତୋଷ ବିଷୋୟୀ ଓ ସୁନୀତା ପାତ୍ର ଶିବିର ପରିଚାଳନା କରିବା ସହ ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଶିବିରରୁ ଚୟନ ହୋଇଥିବା ୧୨ ପ୍ରତିଯୋଗୀ ଜାନୁୟାରୀ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କବାଡି ପ୍ରତିଯୋଗିତାରେ ଭାଗନେବେ । ଏଥିପାଇଁ ଚୟନ ହୋଇଥିବା ୧୨ ଜଣିଆ ଦଳ ଆସନ୍ତା ୩୦ତାରିଖରେ ବନାରସ ଗସ୍ତ କରିବା ନେଇ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ସୂଚିତ କରାଯାଇଛି ।

■ ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟର ସ୍ୱନକ୍ଷତ୍ର ସମାରୋହ

# ଓଡ଼ିଆ ସାହିତ୍ୟର ପ୍ରସାରରେ ଇଣ୍ଟରନେଟ୍ ବାଧକ

**ବ୍ରହ୍ମପୁର ଅଫିସ,୨୫ା୧୨**

ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟର ସପ୍ତଦଶତମ ସ୍ୱନକ୍ଷତ୍ର ସମାରୋହ ବୁଧବାର ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ଡିଜିଟାଲ ଓ ଇଣ୍ଟରନେଟ ବ୍ୟବସ୍ଥାରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାରରେ ବାଧକ ସାଜିଥିବା ଦର୍ଶାଇ ସାରସ୍ୱତ ସାଧକଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ମୁଖ୍ୟତଃ ଯୁବପିଢ଼ି ଏହି ବ୍ୟବସ୍ଥାରୁ ମୁକୁଳିବା କଷ୍ଟକର ହୋଇପଡ଼ିଛି। ସେମାନେ ପୁସ୍ତକ ପଠନ ପ୍ରତି ବିମୁଖ ଭାବ ପ୍ରକାଶ କରୁଛନ୍ତି। ତେଣୁ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସାମ୍ମୁଖ୍ୟ ସଭାପତି ପ୍ରଫେସର ଡ଼. ରବି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ସାରସ୍ୱତ ସମାରୋହରେ ପ୍ରଫେସର ଡ଼. ରାଜା ରାଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯୁବଗୋଷ୍ଠୀ ମୋବାଇଲ ଫୋନ ଓ ଇଣ୍ଟରନେଟରୁ ନିବୃତ୍ତ ରହି ଓଡ଼ିଆ ଭାଷା ସାହିତ୍ୟ ପଠନ ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ମାଳୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବୟିତ୍ରୀ ତଥା ମହାମାୟୀ ମହିଳା କଲେଜ ଗୃହ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଜୟନ୍ତୀରାଣୀ ପଣ୍ଡାଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ମୁଖପତ୍ର ଋଷିକୁଲ୍ୟା ଓ ରବି ନାରାୟଣ ମିଶ୍ରଙ୍କ ଗଳ୍ପ ସଂକଳନ 'ଶୀତ ବାଦର' କବି ଭିକାରୀ ଚରଣ ମହାପାତ୍ରଙ୍କ କବିତା ସଂକଳନ 'ପଞ୍ଚପର୍ଣ୍ଣା', ଜ୍ୟୋତିଷ ବିଶାରଦ ପଣ୍ଡିତ ଶିଶିର କୁମାର ଶତପଥୀଙ୍କ ଜ୍ୟୋତିଷ ଦିଗ୍‌ଦର୍ଶନ ଓ କାଳସର୍ପ ଦୋଷ, ମଙ୍ଗଳ ଦୋଷ ଏବଂ ତା'ର ପ୍ରତିକାର ଶୀର୍ଷକ ଦୁଇଟି ଗ୍ରନ୍ଥ ଲୋକାର୍ପିତ ହୋଇଥିଲା।

ସମାରୋହ ପ୍ରଥମ ଅଧିବେଶନ ଶେଷରେ ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଡ଼. ସୂଚନା ପାଢ଼ୀ ଧନ୍ୟବାଦ ଦେଇଥିଲେ । ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଉଦ୍‌ଘାଟନ କରିଥିବା ବେଳେ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଆରତୀ ଶତପଥୀ, ମନ୍ମଥ ପାଢ଼ୀ, ପ୍ରଫୁଲ୍ଲ ରାଉତ, ଭଗବାନ ତ୍ରିପାଠୀ, କୈଳାସ ରଥ, ଅଶୋକ ସାହୁ, ଦଣ୍ଡପାଣି ମହାପାତ୍ର, ପ୍ରମିଳା ମହଲା, କୁମୁଦିନୀ ଶ୍ରୀପଲ୍ଲବ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଓ ବିଷ୍ଣୁପ୍ରିୟା ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।



ଜିଲା ଲେଖକ ସାମ୍ମୁଖ୍ୟ ସମାରୋହରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଅନ୍ୟମାନେ ।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ


କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୫ା୧୨**

ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କର ବୈଦେଶିକ ନୀତି, ଚାଷ ପ୍ରଣାଳୀ, ସୈନିକଙ୍କୁ ମଜଭୁତ କରିବା, ରୋଗୀଙ୍କୁ ଉଚିତ ସେବା ପ୍ରଦାନ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ଏଥିରେ ସଂଘ ସଭାପତି ରାମ କୁମାର ପାତ୍ର, କିରଣ କୁମାର ସାହୁ, ପ୍ରହଲ୍ଲାଦ ପାଣିଗ୍ରାହୀ, ଅଶୋକ ନିମାଇଁ ସନ୍ଦେଶ, ମଧୁସୂଦନ ସାହୁ, ହେମନ୍ତ କୁମାର ପଣ୍ଡା, ସନ୍ଦେଶ ଦାଶ, ଶରତ ନାୟକ, କେଶବ ଚନ୍ଦ୍ର ପାଢ଼ୀ, ଆଲୋକ ଚୌଧୁରୀ, ରବି ରଣା, ଜଗମୋହନ ଆଚାରୀ, ଶ୍ୟାମ ଦୋରା, ଉଦୟ ନାଥ ବେହେରା, ହିମାଂଶୁ ପାଢ଼ୀ ଓ ରବି ଦାଶଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗୁରୁକୁଳରେ ଖ୍ରୀଷ୍ଟମାସ ଉତ୍ସବ ପାଳିତ


ସାନ୍ତାକ୍ଲଜ ଓ ପରୀ ବେଶରେ ସଜ୍ଜିତ ଛାତ୍ରୀଛାତ୍ର ।

**ବ୍ରହ୍ମପୁର ଅଫିସ,୨୫ା୧୨**

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଗୁଡସ୍‌ସେଡ ରେଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ପରିସରରେ ଖ୍ରୀଷ୍ଟମାସ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ପାଳନର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଅମିତ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯିଶୁଖ୍ରୀଷ୍ଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାନ୍ତାକ୍ଲଜ ଓ ପରୀ ବେଶ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିଶୁମାନେ ନୃତ୍ୟ, ନାଟକ ପରିବେଷଣ କରିଥିଲେ। ବିଦ୍ୟାଳୟ ସମ୍ପାଦିକା ଅନୀତା କୁମାରୀ ପାଢୀ ଧନ୍ୟବାଦ ଦେଇଥିଲେ। ଏଥିରେ ବରିଷ୍ଠ ଶିକ୍ଷକ ଚିରଞ୍ଜୀବୀ ଆଚାରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

## ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ,୨୫ା୧୨**

ହିନ୍ଦ୍ ମଜଦୁର ସଭା ପକ୍ଷରୁ ସ୍ଥାନୀୟ ବଡବଜାରସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ନିର୍ମାଣ ଶ୍ରମିକ ସଂଯୋଜକ ସତ୍ୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଭାତ କୁମାର ମିଶ୍ର, ବିଜେଡି ନେତା କମଳ କୁମାର ପାତ୍ର ଓ ରବି ରଥ ପ୍ରମୁଖ ଯୋଗ ଦେଇଥିଲେ । ନିର୍ମାଣ ଶ୍ରମିକଙ୍କୁ ସମସ୍ତ ସୁବିଧା ଓ ସହାୟତା ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବାଜପେୟୀଙ୍କ ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କର, ନରସିଂହ ପଣ୍ଡିତ, ସନ୍ତୋଷ ତ୍ରିପାଠୀ, ସନ୍ଦେଶ ଦାଶ, ସୁରେଶ ପାତ୍ର, ଅଜିତ ହୋତା ଓ ସାଗର ମହାଙ୍କୁଡ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସାନ୍ତା କ୍ଲଜ୍ ଭୂମିକା ନେଲେ ଜୟ ଜଗନ୍ନାଥ ଗ୍ରୁପ

**ବ୍ରହ୍ମପୁର ଅଫିସ,୨୫ା୧୨**

ବଡ଼ଦିନ ଅବସରରେ ସାନ୍ତା କ୍ଲଜର ଭୂମିକା ଗ୍ରହଣ କରିଛନ୍ତି ଜୟ ଜଗନ୍ନାଥ ଗ୍ରୁପ୍ କର୍ମକର୍ତ୍ତା । ବଡଦିନ ତଥା ଖ୍ରୀଷ୍ଟମାସ ଉପଲକ୍ଷେ ବ୍ରହ୍ମପୁର ବଡ଼ ମେଡ଼ିକାଲର ବିଭିନ୍ନ ୱାର୍ଡ ବୁଲି ଚିକିତ୍ସିତ ହେଉଥିବା କୁନି ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରୟାସ କରିଥିଲେ। ଚିକିତ୍ସିତ ହେଉଥିବା ୧୨୦ଜଣ କୁନି ପିଲାମାନଙ୍କୁ ଖେଳଣା, ଚକୋଲେଟ ଓ ବିସ୍କୁଟ ବଣ୍ଟନ କରିବା ସହ କମେଡି, ମିମିକ୍ରୀ କରି ସେମାନଙ୍କ ମୁହଁରେ ହସ ଫୁଟାଇ ଥିଲେ । ଏଥିସହ ସେମାନଙ୍କ ଚିକିତ୍ସା ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରି ଗ୍ରୁପ ପକ୍ଷରୁ ଶିଶୁଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସ୍ଥଳେ ରକ୍ତଦାନ ଓ ଅସହାୟ ରୋଗୀମାନଙ୍କ ଚିକିତ୍ସା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବଡ଼ ମେଡ଼ିକାଲ ଶିଶୁ ବିଭାଗର ଡା. ସୁନୀଲ କୁମାର ଅଗ୍ରୱାଲ, ଡା.ବୁଦ୍ଧିଆ ମାଝି, ଡା.ମହେଶ୍ୱର ରାଓ, ଡା. ଅଶୋକ ନନ୍ଦ, ଡା.ରୀନା ବେହେରା, ଡା. ଅର୍ପିତା ଜଲାନ୍, ଡା. ଜ୍ୟୋତି ଚମ୍ପତିରାୟଙ୍କ ସହ ଗ୍ରୁପ ପ୍ରତିଷ୍ଠାତା ତଥା ମୁଖ୍ୟ ବ୍ୟବସ୍ଥାପକ ଶିବ ଶଙ୍କର ଦାଶ ,ସଭାପତି ରଞ୍ଜନା ମିଶ୍ର ,ବିଷ୍ଣୁପ୍ରିୟା ପାଢ଼ୀ,ବନ୍ଦିତା ତ୍ରିପାଠୀ, ପ୍ରୀତିମୟୀ ମଲ୍ଲିକ, ଅଜିତ କୁମାର ପାତ୍ର ଓ ସରିତା ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।


ଶିଶୁରୋଗୀଙ୍କ ସହ ଜୟ ଜଗନ୍ନାଥ ଗ୍ରୁପର କର୍ମକର୍ତ୍ତା ।

# ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୫ା୧୨**

ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ରାଉଳ ବୁଧବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ମୁନା ଓରଫ ପ୍ରଭାକର ବିଶ୍ୱାଳଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶଯେ, ୨୦୧୬ ଅକ୍ଟୋବର ୧୫ ରାତିରେ କୃଷ୍ଣନଗରର କେ.ଗଣପତି ଦୋରା ତାଙ୍କର ଜଣେ ବନ୍ଧୁଙ୍କ ସହ ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କଲୋନୀରେ ଥିବା ଏକ ହୋଟେଲକୁ ଖାଇବାକୁ ଯାଉଥିଲେ। ସେଠାରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୁନା ଖଣ୍ଡାରେ ଗଣପତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ନଂ.୧୬୯/୧୬ରେ ଏକ ମାମଲା ରୁଜୁ ପରେ ମୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୁନା ଜାମିନରେ ଛାଡ ପାଇଥିଲେ। ମାମଲାର ବିଚାର ବେଳେ ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତଙ୍କୁ ସିଜେଏମ୍ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରାଜେନ୍ଦ୍ର ସାବତ ଓ ମୁଦାଲାଙ୍କ ତରଫରୁ ଆଇନଜୀବୀ ରବି ନାରାୟଣ ବିଷୋୟୀ ମକଦ୍ଦମା ପରିଚାଳନା କରିଥିଲେ।

# ଅଟଳ ବିହାରୀଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୨୫ା୧୨**

ଭାରତୀୟ ଜନତା ପାର୍ଟି ପୁରୁଣା ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ମଣ୍ଡଳ ସଭାପତି ବିନାୟକ ରଥଙ୍କ ସଭାପତିତ୍ୱରେ ଆଗା ସାହି ଛକରେ ବୁଧବାର ପାଳନ କରାଯାଇଥିଲା। ଏଥିରେ ଭାଜପା ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଗଞ୍ଜାମ ଜିଲା ସଭାପତି କାହ୍ନୁ ଚରଣ ପତି ଯୋଗଦେଇ ଭାରତରତ୍ନ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ-ସଭାପତି ପ୍ରଭାତ କିରଣ ଷଡଙ୍ଗୀ, ରାଜେଶ ସାହୁ, ଗୋପୀନାଥ ପଣ୍ଡା, ରବୀନ୍ଦ୍ର ସାହୁ, ପ୍ରବୀର ପାତ୍ର, ସୁନିଲ କୁମାର ସାହୁ, ନିରଞ୍ଜନ ପାଣିଗ୍ରାହୀ, ପ୍ରଦୀପ ଶତପଥୀ ଓ ରାମ କୁମାର ପାତ୍ର ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ନମିତା ରାଣୀ ପଣ୍ଡା, ଏସ୍.ରାଣୀ, ମଦନ ମୋହନ ପାତ୍ର, ଏସ୍.ଶ୍ରୀନିବାସ, ପ୍ରଦୀପ ମିଶ୍ର, ବିଜୟ ପଣ୍ଡା, ବିଘ୍ନରାଜ ନାହାକ, ରିଙ୍କୁ ସାମଲ, ଶିବ ଶଙ୍କର ଶତପଥୀ, ସୁମନ ଶତପଥୀ, ଜଗନ୍ନାଥ ଜେନା, କିରଣ କୁମାର ନାୟକ ଓ ସଞ୍ଜୟ ଚୌଧୁରୀ ପ୍ରମୁଖଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଶ୍ରଦ୍ଧାସୁମନ ଜଣାଇଥିଲେ।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମହା ଅଧିବେଶନ

**ବ୍ରହ୍ମପୁର ଅଫିସ,୨୫ା୧୨**

ଗଞ୍ଜାମ ଜିଲା ପୁସ୍ତକମେଳା ସମିତି ଅନୁକୂଲ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମହାଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେସି ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଥିଲେ । ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଣିଗ୍ରାହୀ ଯୋଗଦେଇ ଆଧୁନିକତାର ପ୍ରଭାବରେ ଲୁପ୍ତପ୍ରାୟ ସାହିତ୍ୟ, ଓଡିଆ ଭାଷା ଓ ସଂସ୍କୃତିକୁ ପୁନର୍ଜୀବିତ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଲେଖ ଚନ୍ଦ୍ର ପ୍ରଧାନ, ଗଣେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଶ୍ୱଭାରତୀ କଳା ପରିଷଦ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ କୃଷ୍ଣଚନ୍ଦ୍ର ଦାଶ ସ୍ୱଗତ ଭାଷଣ ଦେଇଥିଲେ। ଶିକ୍ଷାବିତ ଦେବୀ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୂର୍ଯ୍ୟନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ । ଭବାନୀଶଙ୍କର ପାଣିଗ୍ରାହୀ, ନରସିଂହ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସାହୁ, କୈଳାସ ପାଣିଗ୍ରାହୀ, ସଞ୍ଜୟ ପାଳ ଓ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ମହାଧିବେଶନରେ ମଞ୍ଚାସୀନ ବ୍ୟକ୍ତିବିଶେଷ ।

## ଆନ୍ତଃ ମହାବିଦ୍ୟାଳୟ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜେତା

**ବ୍ରହ୍ମପୁର ଅଫିସ,୨୫ା୧୨**

ଆଙ୍କୁଶପୁରସ୍ଥିତ ଏସ୍‌ଏମ୍‌ଆଇଟି ଖେଳପଡିଆରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୧୨ ଦିନ ଧରି ଚାଲିଥିବା ୫୧ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଗୁରାଣ୍ଡି ମୀନକେତନ ଡିଗ୍ରୀ କଲେଜ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମୀନକେତନ ଡିଗ୍ରୀ କଲେଜ ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବିକ୍ରମଦେବ କଲେଜ ପ୍ରଥମେ ବ୍ୟାଟିଂ କରି ୩୯.୪ ଓଭର ଖେଳି ସମୁଦାୟ ୧୦ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଂସରେ ମୀନକେତନ ଡିଗ୍ରୀ କଲେଜ ୩୦.୫ ଓଭର ଖେଳି ସମୁଦାୟ ୧୦ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଫଳରେ ବିକ୍ରମଦେବ କଲେଜ ୭୫ ରନରେ ମ୍ୟାଚକୁ ବାଜିମାତ କରିବା ସହ ବିଜେତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଏସ୍‌ଏମ୍‌ଆଇଟି ସଭାପତି ଡ. ଭଗବାନ ଗନ୍ତାୟତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏସ୍‌ଏମ୍‌ଆଇଟି ପିଜିଆରଏମ୍ ବିଭାଗ ଅଧ୍ୟକ୍ଷା ଡ. ମଞ୍ଜୁପ୍ରଭା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସମରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପାଦକ ପ୍ରଦୀପ୍ତ କିଶୋର ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ରାଜେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ସରୋଜ କୁମାର ପାଢୀ, ଡି. ରଜନୀକାନ୍ତ ରେଡ୍ଡୀ, ତାପସ ରଞ୍ଜନ ସାହୁ ଖେଳ ପରିଚାଳନା କରିଥିବା ବେଳେ ଶଙ୍କର କୁମାର ସାହୁ, ସନ୍ତୋଷ କୁମାର ଦଳାଇ ସହଯୋଗ କରିଥିଲେ । ବିଜେତା ଦଳ ଆସନ୍ତା ୨୭ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା କୋଚିଂ କ୍ୟାମ୍ପରେ ଭାଗନେବେ। ସେଠାରେ ୪ ଦିନ ଧରି ତାଲିମ ଗ୍ରହଣ କରିବେ । ଏହାପରେ ଡିସେମ୍ବର ୩୧ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଭାଗନେବାକୁ କଟକ ଯାତ୍ରା କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।


ଅତିଥିଙ୍କ ସହ ଉଭୟ ବିଜେତା ଓ ଉପବିଜେତା ।

## ସଂକ୍ଷେପରେ

### ବଡ଼ଦିନ ପାଇଁ ଚର୍ଚ୍ଚଗୁଡ଼ିକ ଉତ୍ସବମୁଖର

**ବ୍ରହ୍ମପୁର ଅଫିସ,୨୫।୧୨:** ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପବିତ୍ର ବଡ଼ଦିନ ପର୍ବ ପାଇଁ ରେଶମନଗରୀ ବ୍ରହ୍ମପୁରର ଚର୍ଚ୍ଚଗୁଡ଼ିକ ଉତ୍ସବମୁଖର ହୋଇଥିଲା। ଗତ ମଙ୍ଗଳବାର ମଧରାତ୍ରିରେ ପ୍ରଭୁ ଯୀଶୁଙ୍କ ଧରାବରଣ ମୁହୂର୍ତ୍ତରେ ସବୁ ଚର୍ଚ୍ଚରେ ମହିଳା ଓ ପୁରୁଷଙ୍କ ପ୍ରବଳ ଗହଳି ହୋଇଥିଲା ଓ ସମୂହ ପ୍ରାର୍ଥନା କରିବା ସହ ଯୀଶୁଙ୍କୁ ସ୍ମରଣ କରି କ୍ୟାଣ୍ଡେଲ ଜାଳିଥିଲେ। ବୁଧବାର ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ କୁଇନ ମିଶନ କ୍ୟାଥୋଲିକ୍ ଚର୍ଚ୍ଚ, ଟାଉନ ହଲ ରୋଡସ୍ଥ ସେଣ୍ଟ ଷ୍ଟିଫେନସ୍ ଚର୍ଚ୍ଚ ସମେତ ଅନ୍ୟ ଚର୍ଚ୍ଚଗୁଡ଼ିକରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନରେ କେକ୍ କଟା ଯାଇଥିଲା। ଖ୍ରୀଷ୍ଟିଆନ ବହୁଳ ସାହିରେ ମଧ ଧୁମଧାମରେ ପାଳିତ ହୋଇଥିଲା ବଡ଼ଦିନ ଉତ୍ସବ। ଚର୍ଚ୍ଚ ଓ ଖ୍ରୀଷ୍ଟିଆନ ସାହି ଗୁଡିକରେ ରଙ୍ଗବେରଙ୍ଗର ଆଲୋକ ଝଲସିଥିଲା। ଚର୍ଚ୍ଚଗୁଡିକରେ ଧର୍ମଗୁରୁମାନେ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତ ନେଇ ଆଧାତ୍ମିକ ପ୍ରବଚନ ଦେଇଥିଲେ। ସମସ୍ତେ ନୂଆ ବସ୍ତ୍ର ପରିଧାନ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଅଣ ଖ୍ରୀଷ୍ଟିଆନଙ୍କ ପକ୍ଷରୁ ଏହି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ ପାଇଁ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ଶୁଭେଚ୍ଛା ଜ୍ଞାପନ ପାଇଁ ସୁଖ ସମୃଦ୍ଧି କାମନା କରାଯାଇଥିଲା । ବିଭିନ୍ନ ଚର୍ଚ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ସମବାୟ ବ୍ୟାଙ୍କରେ ନୂତନ ଶାଖା ପରିଚାଳକ

**ବୁଗୁଡ଼ା,୨୫।୧୨(ଡି.ଏନ.ଏ.):** ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବୁଗୁଡ଼ା ଶାଖାର ନୂତନ ପରିଚାଳକ ରୂପେ ଯୋଗେନ୍ଦ୍ର ସାମନ୍ତରା ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପୂର୍ବତନ ଶାଖା ପରିଚାଳକ ମହେଶ୍ୱର ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପରିଡ଼ା, ଆଞ୍ଚଳିକ ଅଧିକାରୀ ଲକ୍ଷ୍ମୀ ନୃସିଂହ ବେହେରା, ସୁପରଭାଇଜର ପ୍ରଫୁଲ୍ଲ କୁମାର ଜେନା ଏବଂ କାର୍ଯ୍ୟାଳୟ କର୍ମଚାରୀ ଏବଂ ସମିତି ସମ୍ପାଦକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ରବି ଋଣ ପ୍ରଦାନ, ସେବା ସମିତିର କମ୍ପ୍ୟୁଟରୀକରଣ, ମାଇକ୍ରୋ ଏଟିଏମ୍ ପ୍ରତିଷ୍ଠା ଓ ଧାନମଣ୍ଡି ସମ୍ପର୍କରେ ଆଲୋଚନା ହୋଇଥିଲା ।

### କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ

**ପାରଳାଖେମୁଣ୍ଡି,୨୫।୧୨(ସ୍ୱ.ପ୍ର):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୁରଭି ନାମକ ଓମ୍‌ଫେଡ୍ କାଉଣ୍ଟର ଉଦ୍‌ଘାଟିତ ହୋଇଛି। ଏହା କିନ୍ନରମାନଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଜଣାପଡିଛି। ଏହି ଓମ୍‌ଫେଡ୍ କାଉଣ୍ଟରକୁ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା କିନ୍ନରମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଆରକ୍ଷୀ ଅଧୀକ୍ଷକ ଶର୍ମା କହିଥିଲେ। । ତାଙ୍କ ନିର୍ଦ୍ଦେଶରେ ଜିଲା ପୋଲିସ୍‌ର ସହଯୋଗରେ କିନ୍ନରମାନଙ୍କୁ ଥଇଥାନ ପାଇଁ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସେ ସୂଚନା ଦେଇଥିଲେ। ଏହି ଓମ୍‌ଫେଡ୍ କେନ୍ଦ୍ରରେ ୮ଜଣ କିନ୍ନର ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପିକେ ପାତ୍ର, ଏସ୍‌ଡିପିଓ ପ୍ରକାଶଚନ୍ଦ୍ର ଜେନା, ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଅବସରପ୍ରାପ୍ତ ରେଞ୍ଜ ଅଧିକାରୀଙ୍କ ପରଲୋକ

**ପାରଳାଖେମୁଣ୍ଡି, ୨୫।୧୨(ସ୍ୱ.ପ୍ର):** ଗଜପତି ଜିଲା ପାରଳାଖେମୁଣ୍ଡିରେ ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ବିପିନଚନ୍ଦ୍ର ମାଝିଙ୍କର ବୁଧବାର ଭୋର ୪ଟାରେ ପରଲୋକ ହୋଇଛି । ସେ ଗତ କିଛି ମାସ ଧରି ଅସୁସ୍ଥ ଥିଲେ । ପାରଳାଖେମୁଣ୍ଡି ବନ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଦୀର୍ଘ ବର୍ଷଧରି କାର୍ଯ୍ୟ ସମ୍ପାଦନ କରି ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ୨ପୁଅ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଜିଲା ପରିଷଦ ସଭ୍ୟ ବିଜୟ କୁମାର, ଅନ୍ତର୍ଯାମି ଗମାଙ୍ଗ, ଡ.ତିରୁପତି ପାଣିଗ୍ରାହୀ ପ୍ରମୁଖ ଶୋକ ପ୍ରକାଶ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ■ବାଚସ୍ପତିଙ୍କ ଦିଗପହଣ୍ଡି ଗସ୍ତ

# ପହିଲି ଭୋଗ କାର୍ଯ୍ୟକ୍ରମରେ ଯୋଗଦେଲେ

**ଦିଗପହଣ୍ଡି,୨୫।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବିଧାୟକ ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ବୁଧବାର ଦିଗପହଣ୍ଡି ବ୍ଲକ ଖମାରିଗାଁର ଉଜ୍ଜ୍ୱଳେଶ୍ୱର ଶୈବପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପହିଲି ଭୋଗ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଚସ୍ପତି ଓ ଏମ୍‌ପିଙ୍କୁ କମିଟି କର୍ମକର୍ତ୍ତା ପୀଠ ପରିସରକୁ ପାଛୋଟି ନେଇଥିଲେ। ବିଭିନ୍ନ ଦେବାଦେବୀଙ୍କ ଦର୍ଶନ ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ପହିଲି ଭୋଗ ମଧ ସେବନ କରିଥିଲେ। ଏହି ଅବସରରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଦସ୍ୟ ପ୍ରତିନିଧି ନିଜନିଜ ଅଞ୍ଚଳର ବିବିଧ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶୈବପୀଠ ପରିଚାଳନା କମିଟି ସଭାପତି ବିଜୟ କୁମାର ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଠୀଙ୍କ ସମେତ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର, ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ପୀତାମ୍ବର ଗୌଡ, ସମିତିସଭ୍ୟ ରାଧାକାନ୍ତ ମହାଙ୍କୁଡ଼, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ଚିତ୍ରସେନ ଗୌଡ, ପୂର୍ବତନ ସରପଞ୍ଚ ରବିଚନ୍ଦ୍ର ଗୌଡ, ଭଗବାନ ବାଡତ୍ୟା, କୀର୍ତ୍ତିଚନ୍ଦ୍ର ଗୌଡ ପ୍ରମୁଖ ଯୋଗ ଦେଇଥିଲେ।



ପହିଲି ଭୋଗ ସେବନ କରୁଛନ୍ତି ବାଚସ୍ପତି ଓ ଏମ୍‌ପି।

# ଆସିକାରେ ବଡ଼ଦିନ ପାଳିତ



କ୍ୟାଥଲିକ୍ ଚର୍ଚ୍ଚରେ ବିଧାୟିକା ମଞ୍ଜୁଳା ସ୍ୱାଇଁ କେକ୍ କାଟୁଛନ୍ତି।

**ଆସିକା,୨୫।୧୨(ଡି.ଏନ୍.ଏ.)**

ଆସିକା ଅଞ୍ଚଳରେ ବସବାସ କରୁଥିବା ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ବୁଧବାର ଯିଶୁଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ଥାନା ସମ୍ମୁଖରେ ଥିବା କ୍ୟାଥଲିକ୍ ଚର୍ଚ୍ଚରେ ସାଜସଜ୍ଜା ସହ ଜନ୍ମଦିନ କେକ୍ କଟାଯାଇଥିଲା। ପରେ ସାମୂହିକ ପ୍ରାର୍ଥନା ଓ ପ୍ରଭୁ ଯୀଶୁଙ୍କ ମାନବ ସମାଜର କଲ୍ୟାଣ ନିମନ୍ତେ ପ୍ରଦତ୍ତ ବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋମାନ୍ କ୍ୟାଥଲିକ୍ ଗୋଷ୍ଠୀ ପକ୍ଷରୁ ପ୍ରଥମେ ଏହି ଉତ୍ସବ ପାଳନ କରାଯାଇଥିବାବେଳେ ଅପରାହ୍ନରେ କଲେଜ ଛକସ୍ଥିତ ବିଲିଭର୍ସ ଗୋଷ୍ଠୀ ପକ୍ଷରୁ ଏହି ଉତ୍ସବ ଅନୁରୂପ ଭାବେ ପାଳିତ ହୋଇଥିଲା। ସନ୍ଧ୍ୟାରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗଦେଇ ଜନ୍ମଦିନ କେକ୍ କାଟିବା ସହ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ଭାଇ ଭଉଣୀଙ୍କ ସାମଗ୍ରିକ ମଙ୍ଗଳକାମନା କରିଥିଲେ।

# ଲକ୍ଷ୍ମୀନାରାୟଣପୁର, ଶେରଗଡ଼ ଟିମ୍ ବିଜୟୀ

**ମା' ବାଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

**ଦିଗପହଣ୍ଡି,୨୫।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ମା' ବାଙ୍କେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୪ର୍ଥ ମ୍ୟାଚରେ ଦିଗପହଣ୍ଡିର ଆଇପିଏଲ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିଥିଲେ। ଜବାବରେ ପ୍ରତିପକ୍ଷ ଲକ୍ଷ୍ମୀନାରାୟଣପୁର କ୍ରିକେଟ ଟିମ୍ ସମସ୍ତ ଉଇକେଟ ହରାଇ ମାତ୍ର ୩୯ ରନ କରି ପରାଜିତ ହୋଇଥିଲେ। ଗୋପାଳ ଦୋରା ଓ ସଞ୍ଜୀବ ଦୋରା ମ୍ୟାଚରେ ଅମ୍ପାୟରିଂ କରିଥିଲେ। ସେହିପରି ଟୁର୍ନାମେଣ୍ଟର ୨ୟ ମ୍ୟାଚରେ ସିଦ୍ଧେଶ୍ୱର ଗ୍ରାମ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୯୬ ରନ୍ କରିଥିଲା। ଜବାବରେ ଶେରଗଡ଼ ଗ୍ରାମ କ୍ରିକେଟ ଟିମ୍ ୧୦.୦୩ ବଲରେ ୪ଉଇକେଟ ହରାଇ ୯୭ ରନ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିବା ଜଣାପଡିଛି। ମ୍ୟାଚରେ ମାଧବ ରେଡ୍ଡୀ ଓ କାହ୍ନା ଦୋରା ଆମ୍ପାୟାରିଂ କରିଥିଲେ। ଆୟୋଜକ ମା' ବାଙ୍କେଶ୍ୱରୀ କ୍ରିକେଟ କ୍ଲବ କର୍ମକର୍ତ୍ତା ସତୀଶ କୁମାର ଦୋରା, ବୁଲୁ ଦୋରା, ମିଥୁନ ଦୋରା, ଚିଣ୍ଟୁ ରେଡ୍ଡୀ, ନବୀନ ଦୋରା, ରଞ୍ଜନ ଦୋରା ଓ ସମୀର ଦୋରା ପ୍ରମୁଖ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ଛତ୍ରପୁରରେ ବାଜପେୟୀଙ୍କ ଜୟନ୍ତୀ

**ଛତ୍ରପୁର,୨୫।୧୨(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ ତମ ଜୟନ୍ତୀ ବୁଧବାର ଛତ୍ରପୁର ଭାଜପା ପକ୍ଷରୁ ପାଳିତ ହୋଇଛି । ଛତ୍ରପୁର ଭାଜପା ମଣ୍ଡଳ ସଭାପତି ସଙ୍ଗୀତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର କର, ପଦ୍ମଚରଣ ସାହୁ, ପଦ୍ମ ଚରଣ ପରିଡା, ବିଦ୍ୟାଧର ନାହାକ, ସୁଦାମ ଚରଣ ଜେନା, ଭଗବାନ ନାୟକ, ଚୈତନ୍ୟ ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ବସନ୍ତ ବେହେରା, ଜିଲା ଯୁବ ମୋର୍ଚ୍ଚା ଉପସଭାପତି କେ. ରଘୁ ରେଡ୍ଡୀ, ବିଜୟ କୁମାର ମୁଦୁଲି, ପି ଗୋପାଳ ପାତ୍ରଙ୍କ ସମେତ ଛତ୍ରପୁର ନିର୍ବାଚନମଣ୍ଡଳୀର ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଲେ ନେହେରୁ ଯୁବକେନ୍ଦ୍ର କର୍ମକର୍ତ୍ତା

**ଖଜୁରିପଡ଼ା/ବଳସକୁମ୍ପା, ୨୫।୧୨(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ବଳସକୁମ୍ପା ଗ୍ରାମ ପଞ୍ଚାୟତର ସ୍ୱେଚ୍ଛାସେବୀ ସଙ୍ଗଠନ ମା' ଇଷ୍ଟଦେବୀ ଯୁବକଳା ପରିଷଦକୁ ନେହେରୁ ଯୁବ କେନ୍ଦ୍ର କନ୍ଧମାଳ ଏବଂ ଗଞ୍ଜାମ ଗଜପତି ଜିଲାର ଯୁବ ଭଲ୍ୟୁଣ୍ଟିୟର ଜିଲା ସଂଯୋଜକ ସତ୍ୟବାନ ଦଳବେହେରାଙ୍କ ସହ ଆସିଥିଲେ। ମା' ଇଷ୍ଟ ଦେବୀ ଯୁବ କଳା ପରିଷଦ ସାଂସ୍କୃତିକ ଗୃହ ବଳସକୁମ୍ପାଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର ଯୋଗଦେଇ ଅନୁଷ୍ଠାନର ସମସ୍ତ ସଦସ୍ୟା ସଦସ୍ୟ ଏବଂ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଆସିଥିବା ସମସ୍ତ ଭଲ୍ୟୁଣ୍ଟିୟର ଏବଂ ଜିଲା ସଂଯୋଜକ ମା' ଇଷ୍ଟଦେବୀ ଯୁବ କଳା ପରିଷଦର ସମସ୍ତ ରେକର୍ଡ ଦେଖିଥିଲେ। ଜିଲା ସଂଯୋଜକ ନିଜ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ସଦସ୍ୟଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଇ କନ୍ଧମାଳ ମାଟିର କଳା ସଂସ୍କୃତିକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଭଲ୍ୟୁଣ୍ଟିୟର ଏବଂ ମା' ଇଷ୍ଟ ଦେବୀ ଯୁବ କଳା ପରିଷଦର କଳାକାରମାନେ ମିଶି ଜନ ସଚେତନତା ନାଟକ ମଞ୍ଚସ୍ଥ କରିଥିଲେ। ଆସିଥିବା ଅତିଥି ଭଲ୍ୟୁଣ୍ଟିୟରମାନଙ୍କ ସହିତ ମିଶି ବଣଭୋଜି କରିଥିଲେ।

# ଧରାକୋଟ ବ୍ଲକରେ ଧାନମଣ୍ଡି ଖୋଲିଲା



ଧାନମଣ୍ଡି ଶୁଭାରମ୍ଭ କରାଯାଉଛି।

**ଧରାକୋଟ,୨୫।୧୨(ଡି.ଏନ.ଏ.)**

ଧରାକୋଟ ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଧାନମଣ୍ଡି ସରକାରୀ ଗାଇଡ଼ଲାଇନ ପ୍ରକାରେ ଶୁଭ ଉଦ୍‌ଘାଟନ ହୋଇଯାଇଛି। ୧୫ଟି ସେବା ସମବାୟ ସମିତି ମଧ୍ୟରୁ ଧରାକୋଟ, ଜାହାଣ, ଝରପାଇ, କଳାସୂତା, ମୁଣ୍ଡମରାଇ, ରୁଗୁମୁ, ବରଡ଼ାବାଲି ପ୍ରଭୃତି ସେବା ସମବାୟ ସମିତିରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନା ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଧରାକୋଟ ଶାଖା ସମବାୟ ବ୍ୟାଙ୍କ ପରିଚାଳକ କେଦାର ଗୌରୀ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। କୃଷିବିତ୍ ସାରଥି ନାରାୟଣ ପଟ୍ଟନାୟକ, ହିନେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ଧରାକୋଟ ସେବା ସମବାୟ ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଯୋଗାଣ ନିରୀକ୍ଷକ ଶରତ ନନ୍ଦ ରାଉତ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଧାରଣ କିସମର ଧାନର ଧାର୍ଯ୍ୟ ମୂଲ୍ୟ ୧୮୧୫ ଟଙ୍କା ରହିଛି । ଚାଷୀ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ସମବାୟ ଶାଖା ପରିଚାଳକ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟିକୁ ଆଣିବା ପାଇଁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ମିଲର, ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

### ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ପାରଳାଖେମୁଣ୍ଡି,୨୫।୧୨(ସ୍ୱ.ପ୍ର)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ପୁରୁଣାପାଟଣା ରୋଡ୍‌ଠାରେ ବୁଧବାର ଗାଡିମୋଟର ଯାଞ୍ଚ କରାଯାଇ ୫,୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ଆଜି ବଡଦିନ ହୋଇଥିବାରୁ ସହର ବେସ୍ ଚଳଚଞ୍ଚଳ ରହିଥିବାରୁ ପୋଲିସ ପକ୍ଷରୁ ଏଭଳି ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ମୁଖ୍ୟତଃ ହେଲ୍‌ମେଟ୍, ମଦ୍ୟପାନ କରି ଗାଡି ଚଳାଇବା ଓ କାର ଚାଳକ ସିଟ୍ ବେଲ୍ଟ ବାନ୍ଧିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁନିଲ ଦଳେଇଙ୍କ ନେତୃତ୍ୱରେ ଏହି ଧରପଗଡ ହୋଇଥିଲା।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଖଲ୍ଲିକୋଟ,୨୫।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ପଥରା ପଞ୍ଚାୟତରେ ଥିବା ହରିହର ଦେବ ଉଚ୍ଚ ବିଦ୍ୟାଳୟର ୧୯୯୭ ମାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ଗଞ୍ଜାମ ଜିଲା ଶିକ୍ଷା ନିରୀକ୍ଷକ ବସନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପ୍ରଥମେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦିବଙ୍ଗତ ଇଂଲିଶ ଶିକ୍ଷକ ବସନ୍ତ ମହାରଣା ଓ ରାଜକିଶୋର ସୁବୁଦ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଏବଂ ବର୍ତ୍ତମାନର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ ।



ଉପସ୍ଥିତ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

# ଆନନ୍ଦ ଉଲ୍ଲାସର ସହ ପାଳନ ହେଲା ବଡ଼ଦିନ

**ପାରଳାଖେମୁଣ୍ଡି,୨୫।୧୨(ସ୍ୱ.ପ୍ର)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ବିଭିନ୍ନ ଚର୍ଚ୍ଚରେ ବଡଦିନ ବା ଖ୍ରୀଷ୍ଟମାସ ପର୍ବ ମହାଆଡମ୍ବରରେ ପାଳିତ ହୋଇଛି। ଏହି ଅବସରରେ ସହରର ମେଡିକାଲ ରୋଡ୍‌ରେ ଥିବା କ୍ୟାଥୋଲିକ ଚର୍ଚ୍ଚ, ହାଇସ୍କୁଲ ଛକଠାରେ ଥିବା ବାପଟିଷ୍ଟ ଚର୍ଚ୍ଚ ସହ ବିଭିନ୍ନ ଚର୍ଚ୍ଚଗୁଡିକ ସାଜସଜ୍ଜା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଦିନତମାମ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପରିବାରଗୁଡିକ ବିଭିନ୍ନ ଚର୍ଚ୍ଚ ଗୁଡିକରେ ପ୍ରାର୍ଥନା ସଭାମାନଙ୍କରେ ଯୋଗଦେଇ ପ୍ରଭୁ ଯୀଶୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନେକ ସ୍ଥାନରେ ଏଥିପାଇଁ ଭୋଜି ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ମଧ ହୋଇଥିଲା। ମଙ୍ଗଳବାର ରାତି ୧୨ଟାରୁ ବଡଦିନ ଆରମ୍ଭ ହୋଇଥିବାରୁ ଚର୍ଚ୍ଚଗୁଡିକୁ ମଙ୍ଗଳବାରଠାରୁ ଆଲୋକମାଳାରେ ସଜ୍ଜିତ କରାଯାଇ ପ୍ରାର୍ଥନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବଡଦିନ ପାଇଁ ପ୍ରସିଦ୍ଧ ରୋଜ୍ କେକ୍ ମଧ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ବାଣ୍ଟୁଥିବା ଦେଖିବାକୁ ମିଳଥିଲା।



## ଦିଗପହଣ୍ଡି ବ୍ଲକ ଠିକାଦାର ସଂଘ କର୍ମକର୍ତ୍ତା ନିର୍ବାଚନ

# ରଞ୍ଜନ ସଭାପତି, ପ୍ରଦୀପ ସମ୍ପାଦକ

**ଦିଗପହଣ୍ଡି,୨୫।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଠିକାଦାର ସଂଘ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖମାରୀଗାଁ ସ୍ଥିତ ଘୋଡ଼ାହାଡ଼ ଡ୍ୟାମ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସଂଘ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ସଂଘର ସଭ୍ୟ ରାଧାକାନ୍ତ ମହାଙ୍କୁଡଙ୍କ ପ୍ରସ୍ତାବକ୍ରମେ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ସଭାପତି ଏବଂ ଚିତ୍ରସେନ ଗୌଡଙ୍କ ପ୍ରସ୍ତାବକ୍ରମେ ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଦିଗପହଣ୍ଡି ବ୍ଲକ ଓ ଏନ୍‌ଏସି ଅଞ୍ଚଳର ବହୁ ଠିକାଦାର ସଭାରେ ଉପସ୍ଥିତ ଥିଲେ। ଠିକାଦାରଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ସଭାରେ ସବିଶେଷ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଠିକାଦାରମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଆଗାମୀ ଦିନରେ ଯେକୌଣସି ଉନ୍ନୟନ କାମରେ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଟେଣ୍ଡର ଫର୍ଦ୍ଦ ଦାଖଲ ନକରିବା ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବିଭିନ୍ନ ଉନ୍ନୟନ କାମ ଟେଣ୍ଡର ଫାଇନାଲ ହେବା ପରେ ନିୟମ ପ୍ରକାରେ ବ୍ୟବହୃତ ହେବାକୁ ଥିବା ବାଲି, ପଥର, ଇଟା, ଚିପ୍ସ, ମୋରମ ନିମନ୍ତେ ସରକାରଙ୍କୁ ରୟାଲଟି ବାବଦ ଅର୍ଥ ଦାଖଲ କରାଯାଉଥିବାବେଳେ ଉନ୍ନୟନ କାମ ପାଇଁ ନିଆଯାଉଥିବା ଉକ୍ତ ସାମଗ୍ରୀ ବୋଝେଇ ଗାଡ଼ି ଗୁଡିକରୁ ପୁଣିଥରେ ଦିଗପହଣ୍ଡି ତହସିଲ ପ୍ରଶାସନ ଜବରଦସ୍ତ ରୟାଲଟି ସହ ଜରିମାନା ଆଦାୟ କରୁଛି। ଏନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ସଂଘ ପକ୍ଷରୁ ସରକାରୀ ସ୍ତରରେ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ ନିମନ୍ତେ ଆଗତ ପ୍ରସ୍ତାବକୁ ସଭାରେ ବିଧିବଦ୍ଧ ଅନୁମୋଦନ କରାଯାଇଥିଲା। ସଂଘକୁ ଅଧିକ କ୍ରିୟାଶୀଳ କରିବାକୁ ଆସନ୍ତା ୫ରେ ଗୁପ୍ତେଶ୍ୱର ଶୈବ ପୀଠରେ ପରବର୍ତ୍ତୀ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଂଘ ସଦସ୍ୟ ନୀଳମାଧବ ଗୌଡ, ଅଶୋକ ସ୍ୱାଇଁ, ବୁଲୁ ସାହୁ, ମନୋଜ ପାଣିଗ୍ରାହୀ, ଟୁଟୁ ସାବତ, ପୁରୁଷୋତ୍ତମ ପାତ୍ର, ବ୍ରଜ ସ୍ୱାଇଁ, ପ୍ରକାଶ ଗୌଡ, ଶିବ ପାଢ଼ୀ, ଚନ୍ଦନ ପୂଜାରୀ, ଜଗନ୍ନାଥ ପଣ୍ଡା, ପଦ୍ମନାଭ ମହାରଣାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସଭାରେ ଉପସ୍ଥିତ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଡିସେମ୍ବର ୨୬/୨୦୧୯ Berhampur, Thursday, December 26/2019

## ସଂକ୍ଷେପରେ

### ଲାଞ୍ଚ ମାମଲା, ଲାଇନମ୍ୟାନ, ହେଲପର୍ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ/ ଭଞ୍ଜନଗର (ଡି.ଏନ୍.ଏ.)୨୫।୧୨–ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ମଙ୍ଗଳବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଭଞ୍ଜନଗର ବିଦ୍ୟୁତ୍ ସର୍କଲ ଅଧୀନ ବେଲଗୁଣ୍ଠା ଇଲେକ୍ଟ୍ରିକ୍ ଡିଭିଜନର ତତ୍କାଳୀନ ଲାଇନ୍‌ମ୍ୟାନ ବିନୋଦ କୁମାର ସାହୁ ଏବଂ ହେଲପର କେ.ରୋହିତ କୁମାର ରେଡ୍ଡୀ।

ପ୍ରକାଶ ଯେ, ବେଲଗୁଣ୍ଠାର ଦଣ୍ଡପାଣି ମହାରଣା ତାଙ୍କ ନୂତନ ଗୃହକୁ ବିଦ୍ୟୁତ ସଂଯୋଗ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୨୦୧୪ ମାର୍ଚ୍ଚ ୨୨ରେ ଉପରୋକ୍ତ ୨ଅଭିଯୁକ୍ତ ଗୃହକର୍ତ୍ତାଙ୍କଠାରୁ ୪୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ଧରା ପଡିଥିଲେ। ମାମଲା ନଂ.୦୫/୧୪ ରେ ଉଭୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ସୋମନାଥ ବାରିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନେ ଜାମିନ ପାଇଥିଲେ। ମଙ୍ଗଳବାର ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଭିଜିଲାନ୍ସ ବିଚାରପତି ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଖୋଲିନି ମଣ୍ଡି, ଚାଷୀ ହତାଶ

**ବୁଗୁଡ଼ା,୨୫।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ଗୋଳବନ୍ଧ ପଞ୍ଚାୟତ ବ୍ୟତୀତ ଅନ୍ୟ କୌଣସିଠାରେ ଏ ଯାଏ ଧାନମଣ୍ଡି ଖୋଲିନି। ଏଥିଲାଗି ଚାଷୀଙ୍କ ମଧ୍ୟରେ ହତାଶ ଭାବ ଦେଖାଦେଇଛି। ଚାଷୀ ଧାନ ଅମଳ ସାରିଥିଲେ ମଧ ରଖିବାକୁ ସ୍ଥାନ ଅଭାବ ଦେଖାଦେଇଛି। ଖଳାରେ ରଖିଲେ ହାତୀ ନଷ୍ଟ କରିବା ଭୟ ନଚେତ୍ ବର୍ଷା ହେଲେ ଧାନ ନଷ୍ଟ ହେବା ଆଶଙ୍କା ରହିଛି। ଅନ୍ୟପଟେ ଚାଷ ପାଇଁ ବ୍ୟାଙ୍କରୁ ଆଣିଥିବା ଋଣ ପୈଠ କରିବାକୁ ଚାଷୀ ବ୍ୟଗ୍ର। ଏସବୁ କାରଣକୁ ନେଇ କେତେଜଣ ଚାଷୀ ବ୍ୟବସାୟୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ବଦଳରେ ୧୩୦୦ରୁ ୧୩୫୦ ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ଗତ ୧୧ତାରିଖରେ ବ୍ଲକ ତହସିଲ ଓ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୬ରୁ ଧାନମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ବୁଗୁଡ଼ା ବ୍ଲକର ୧୪ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣାହେବ। ଚଳିତ ବର୍ଷ ବ୍ଲକରେ ୭୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ମଧ ପ୍ରଶାସନ ସ୍ଥିର କରିଛି। ହେଲେ ଏ ଯାଏ ସମସ୍ତ ମଣ୍ଡି ଖୋଲିନି। ମଙ୍ଗଳବାର କେବଳ ଗୋଳାବନ୍ଧ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିଛି। ବିଡିଓ ତନ୍ମୟ ପାତ୍ର କହିଛନ୍ତି, ଗତ ଶୁକ୍ରବାର ଜିଲା ପ୍ରଶାସନ ଠାରେ ମିଲରମାନେ ଅର୍ଥ ଜମା କରି ୩୧ ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଚୁକ୍ତି କରିଛନ୍ତି। ତେଣୁ ଟୋକନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ତୁରନ୍ତ ସମସ୍ତ ମଣ୍ଡି ଖୋଲାଯିବ ।

# ଜିଲାସ୍ତରୀୟ ଆଥଲେଟିକ୍ ମିଟ୍ ଉଦ୍‌ଯାପିତ

**ଛତ୍ରପୁର,୨୫।୧୨(ଡି.ଏନ.ଏ)**


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଗଞ୍ଜାମ ଓ ଛତ୍ରପୁର ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଛତ୍ରପୁର ଷ୍ଟାଡିୟମରେ ୨ ଦିନ ଧରି ଚାଲିଥିବା ଜିଲା ଆଥଲେଟିକ୍ ମିଟ୍ ବୁଧବାର ଉଦଯାପିତ ହୋଇଯାଇଛି । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଜିଲା ଆଥଲେଟିକ୍ ଆସୋସିଏଶନର ସଭାପତି ଏନ. ସି. ପାଢୀ, ଛତ୍ରପୁର ଆଥଲେଟିକ୍ ଆସୋସିଏଶନ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ ସାହୁ , ସୁଧୀର ପଟ୍ଟନାୟକ ପ୍ରମୁଖ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ । ୫୦୦୦ ମିଟର ଦୌଡ ପୁରୁଷ ବର୍ଗରେ ବି. ବିଶ୍ୱନାଥ, ୩୦୦୦ ମିଟର ୱାକିଂ (ଅଣ୍ଡର–୧୮) ରେ ସତ୍ୟଜିତ୍ ପ୍ରଧାନ, ୩୦୦୦ ମିଟର ଦୌଡରେ ସାଇକିରଣ ସାହୁ, ଲଙ୍ଗ ଜମ୍ପରେ ରାହୁଲ ଦାସ, ଡିସକସ୍‌ରେ ଅଂଶୁମାନ ମହାପାତ୍ର, ଟ୍ରିପଲ୍ ଜମ୍ପରେ ଅନିଲ କୁମାର ପାତ୍ର, ଲଙ୍ଗ ଜମ୍ପ ମହିଳା ବର୍ଗରେ ଶୈଳେନ୍ଦ୍ରୀ ବେହେରା, ଡିସକସ୍ ଥ୍ରୋରେ ଅଙ୍କିତା ପଟ୍ଟନାୟକ, ୬୦୦ ମିଟର ଦୌଡରେ ଆଦିତ୍ୟ ସାମନ୍ତରାୟ, ୬୦୦ ମିଟର ଦୌଡ ବାଳିକା ବର୍ଗରେ ଅକ୍ଷରା ପ୍ରଧାନ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ ।

# ଟ୍ରେନ୍‌ରେ ଯାତ୍ରୀ ଛାଡ଼ିଥିବା ବ୍ୟାଗ୍ ଦେଲା ଆର୍‌ପିଏଫ୍


ବ୍ୟାଗ୍ ହସ୍ତାନ୍ତର କରାଯାଉଛି ।

**ଛତ୍ରପୁର,୨୫।୧୨(ଡି.ଏନ.ଏ)**

ଟ୍ରେନ୍‌ରେ ଜଣେ ଯାତ୍ରୀ ଛାଡି ଯାଇଥିବା ବ୍ୟାଗକୁ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ୨୩ ତାରିଖରେ ଭୁବନେଶ୍ୱରରୁ ବାଲୁଗାଁ ପାଇଁ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ବାଲୁଗାଁ ଥାନା ଅଳଇଡିହ ଛକର ସୌମ୍ୟଜିତ୍ ବରାଳ ଯାତ୍ରା କରିଥିଲେ। ତେବେ ଅସାବଧାନତା କାରଣରୁ ସେ ତାଙ୍କ ବ୍ୟାଗ୍‌କ ଉକ୍ତ ଟ୍ରେନ୍‌ରେ ଛାଡି ଦେଇଥିଲେ। ପରେ ଏ ସମ୍ପର୍କରେ ବାଲୁଗାଁ ଷ୍ଟେଶନ ମାଷ୍ଟରଙ୍କୁ ସେ ଜଣାଇଥିଲେ। ଏହାପରେ ଉକ୍ତ ଷ୍ଟେଶନ ମାଷ୍ଟରଙ୍କ ପକ୍ଷରୁ ଖୋର୍ଦ୍ଧା ରୋଡ୍ ଷ୍ଟେଶନକୁ ଏ ସମ୍ପର୍କରେ ଜଣାଇଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧା ଷ୍ଟେଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଛତ୍ରପୁର ଆରପିଏଫ୍ ଆଉଟ୍‌ପୋଷ୍ଟକୁ ୨୩ ତାରିଖ ସନ୍ଧ୍ୟା ୭ଟା ୨୦ରେ ସୂଚନା ଆସିଥିଲା। ଏହାପରେ ଛତ୍ରପୁର ଷ୍ଟେଶନଠାରେ ଉକ୍ତ ଟ୍ରେନ୍ ଅଟକିବା ପରେ ସ୍ଥାନୀୟ ଆରପିଏଫ୍ ଆଉଟପୋଷ୍ଟ ର ଏଏସଆଇ ଏସ୍ ଏ ପାତ୍ର ଓ ତାଙ୍କ ଷ୍ଟାଫ୍ ଟ୍ରେନ୍ ର ସାଧାରଣ ବଗି ରେ ସୌମ୍ୟଜିତ୍ ଙ୍କ ବ୍ୟାଗ୍ ପାଇଥିଲେ । ବ୍ୟାଗ୍ ମିଳିଥିବା ସମ୍ପର୍କରେ ଛତ୍ରପୁର ଆର୍‌ପିଏଫ୍ ଆଉଟ୍‌ପୋଷ୍ଟ ପକ୍ଷରୁ ୨୪ ତାରିଖ ପୂର୍ବାହ୍ନ ୯ ଟାରେ ସୌମ୍ୟଜିତ୍‌ଙ୍କୁ ଖବର ଦିଆଯାଇଥିଲା । ସୌମ୍ୟଜିତ୍ ଛତ୍ରପୁର ଷ୍ଟେଶନରେ ପହଞ୍ଚିବା ପରେ ଯାଞ୍ଚ କରାଯାଇ ତାଙ୍କ ବ୍ୟାଗ୍‌କୁ ଆର୍‌ପିଏଫ୍ ଆଉଟପୋଷ୍ଟ କର୍ତ୍ତୃପକ୍ଷ ହସ୍ତାନ୍ତର କରିଥିଲେ । ଏନେଇ ଆର୍‌ପିଏଫ୍ କର୍ତ୍ତୃପକ୍ଷଙ୍କୁ ସେ ଧନ୍ୟବାଦ ଦେଇଥିଲେ । ଉକ୍ତ ବ୍ୟାଗ୍‌ରେ ସୌମ୍ୟଜିତ୍‌ଙ୍କ ଦଶମ ଓ ଦ୍ୱାଦଶ ଶ୍ରେଣୀର ସାର୍ଟିଫିକେଟ୍, ଆଧାର କାର୍ଡ, ବହି ସମେତ ୧୦ ହଜାର ଟଙ୍କାର ଜିନିଷ ଥିଲା ।

# ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୨୫।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଗତ ୨୩ତାରିଖରେ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ରାତିରେ ପୋଲିସ ଗିରଫ କରିଛି। ସେ ହେଲେ ସନ୍ତୋଷ ବେହେରା। ଖୋର୍ଦ୍ଧା ଅଞ୍ଚଳରୁ ତାଙ୍କୁ ଗିରଫ କରାଯିବା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ନାବାଳିକାଙ୍କ ପରୀକ୍ଷା କରାଯାଇଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଦୋକାନକୁ ଆସିଥିବା ବେଳେ ସନ୍ତୋଷ ତାଙ୍କୁ ପ୍ରଲୋଭନ ଦେଖାଇ ନିଛାଟିଆ ସ୍ଥାନକୁ ଡ଼ାକି ନେଇ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୮୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଥାନା ଏସଆଇ ସିଲୁ ଧଳ କୌଣସି ସୂତ୍ରରୁ ଖବରପାଇ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଗିରଫ କରିଥିବା ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି।

### ବିଷ ପ୍ରକ୍ରିୟାରେ ଯୁବକଙ୍କ ମୃତ୍ୟୁ

**ପାତ୍ରପୁର,୨୫।୧୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ପାଞ୍ଚଆମ୍ବ ଗ୍ରାମର ଅଶ୍ୱିନୀ ବେହେରାଙ୍କର ବୁଧବାର ବିଷ ପ୍ରକ୍ରିୟାରେ ମୃତ୍ୟୁ ଘଟିଛି। କୌଣସି କାରଣରୁ ଅଶ୍ୱିନୀ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ଏମ୍‌କେସିଜି ନେଇଥିଲେ। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

# ଧାନ ମଣ୍ଡି ଉଦ୍‌ଘାଟିତ

**କୁକୁଡାଖଣ୍ଡି,୨୫।୧୨(ଡି.ଏନ.ଏ.)**

ଡେଙ୍ଗାପଦରରେ ସରକାରୀ ଧାନ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତ, ସନ୍ତୋଷ ଚୌଧୁରୀ, ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ରାଓ, ସରପଞ୍ଚ ସୀତାରାମ ସାହୁ ଓ ପ୍ରମିଳା ଜେନା ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨ ଜଣ ଚାଷୀଙ୍କଠାରୁ ଧାନ କିଣିଥିଲେ। ନାରାୟଣପୁରର ମା' ଅମ୍ବିକା ଏସ୍‌ଏଚ୍‌ଜି ଚାଷୀଙ୍କଠାରୁ ଧାନ କିଣିଥିଲେ। ସେହିପରି ଜଗଦଳପୁରରେ ସଂଗ୍ରାମ ଏସ୍‌ଏଚ୍‌ଜି ଦ୍ୱାରା ମଣ୍ଡି ଖୋଲାଯାଇଛି। ୭ ଚାଷୀଙ୍କଠାରୁ ୨୫୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ସଂଗ୍ରାମ ଏସ୍‌ଏଚ୍‌ଜି ସଭାନେତ୍ରୀ କ୍ରାନ୍ତି କୁମାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।






# କ୍ୟାଣ୍ଡେଲ ଶୋଭାଯାତ୍ରା, ବଡ଼ଦିନ ପାଳିତ

**ଶେରଗଡ,୨୫।୧୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ କରଡାକଣା ପଞ୍ଚାୟତରେ ବଡଦିନ ପାଇଁ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରଢେଇଶ, ବାଦୁଆ, ଖୋଲ, ଜାମଖୋଲା, ଗର୍ବଗଣ୍ଡା ଗ୍ରାମର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଗ୍ରାମରେଥିବା ଚର୍ଚ୍ଚରେ ଏକାଠି ହୋଇଥିଲେ। ପରେ କ୍ୟାଣ୍ଡେଲ ଧରି ଶାନ୍ତିପୂର୍ଣ୍ଣ ଭାବେ ନିଜ ସାହି ଓ ଗ୍ରାମ ପରିକ୍ରମା କରିଥିଲେ। ପରେ ଚର୍ଚ୍ଚକୁ ଆସି ପ୍ରାର୍ଥନା କରିଥିଲେ। ଶିକ୍ଷକ ଥୋମାସ ଦଳବେହେରା, ସଭାପତି ଇସ୍ତଫା ମଣ୍ଡଳ, କରୁଣା ଦଳବେହେରା ଓ ଜୁନେସ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଯୀଶୁଙ୍କ ବାଣୀ ଉପରେ ଆଲୋଚନା କରାଯାଇଥିଲା।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ